# NATIONAL NEWS BULLETIN (ODIA)

## 16 April - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ପତଞ୍ଜଳୀ ଆୟୁର୍ବେଦ ବିରୁଦ୍ଧରେ ଥିବା ଅଦାଲତ ଅବମାନନାର ପରବର୍ତ୍ତୀ ଶୁଣାଣି ପାଇଁ ସୁପ୍ରିମ୍‌କୋର୍ଟ ଆସନ୍ତା ୨୩ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି ।
- ନିର୍ବାଚନ ଆଚରଣବିଧି ଘୋଷଣା ହେବା ଠାରୁ ନିର୍ବାଚନ କମିଶନ୍ ୧୬୯ଟି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।
- ବିଜେପି, ବି.ଏସ୍.ପି. ଓ ଆମ୍ ଆଦମୀ ପାର୍ଟି ଆଉ ଗୋଟିଏ ଲେଖାଏଁ ପ୍ରାର୍ଥୀ ତାଲିକା ପ୍ରକାଶ କରିଛନ୍ତି ।
- ଛତିଶଗଡ଼ର କାଙ୍କେଡ଼ ଜିଲ୍ଲାରେ ନକ୍ସଲପନ୍ଥୀ ଓ ଯବାନମାନଙ୍କ ମଧ୍ୟରେ ସଂଘର୍ଷ ଘଟି ୧୮ ଜଣ ନକ୍ସଲପନ୍ଥୀ ପ୍ରାଣ ହରାଇଛନ୍ତି ।

ଏବଂ

- ଆଇପିଏଲ୍‌ର ଏକ ମ୍ୟାଚ୍‌ରେ ଆଜି କୋଲକାତା ନାଇଟ୍ ରାଇଡର୍ସ୍ ଓ ରାଜସ୍ଥାନ ରୟାଲ୍ସ ପରସ୍ପରକୁ ଭେଟିବେ ।

## ସୁପ୍ରିମ୍‌କୋର୍ଟ-ପତଞ୍ଜଳୀ

ପତଞ୍ଜଳୀ ଆୟୁର୍ବେଦ ବିରୁଦ୍ଧରେ ଥିବା ଅଦାଲତ ଅବମାନନାର ପରବର୍ତ୍ତୀ ଶୁଣାଣି ପାଇଁ ସୁପ୍ରିମ୍‌କୋର୍ଟ ଆସନ୍ତା ୨୩ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି । ପତଞ୍ଜଳୀ ଆୟୁର୍ବେଦ ଏହାର ଔଷଧ ଗୁଡ଼ିକ ଉପରେ ବିଭ୍ରାନ୍ତିକର ବିଜ୍ଞାପନ ଦେଇ ଆସୁଥିଲା । ଯୋଗଗୁରୁ ରାମଦେବ ଓ ଆଚାର୍ଯ୍ୟ ବାଳକ୍ରିଷ୍ଣ ଶୁଣାଣି ସମୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ଥିଲେ । ପତଞ୍ଜଳୀ ଆୟୁର୍ବେଦ ବିରୁଦ୍ଧରେ ଭାରତୀୟ ଚିକିତ୍ସା ସଂଘ ଆବେଦନ କରିଥିଲା । ଗତ ୧୦ ତାରିଖର ଶୁଣାଣି ସମୟରେ ରାମଦେବ ଓ ଆଚାର୍ଯ୍ୟ ବାଳକ୍ରିଷ୍ଣଙ୍କ ଦ୍ୱାରା ନିଃସର୍ତ୍ତ କ୍ଷମତାପ୍ରାର୍ଥନାକୁ କୋର୍ଟ୍ ଖାରଜ କରିଦେଇଥିଲେ ।

## ଇସି-କମ୍ପ୍ଲେନ୍

ନିର୍ବାଚନ କମିଶନ୍ କହିଛି, ନିର୍ବାଚନ ଆଚରଣବିଧି ଘୋଷଣା ହେବା ଠାରୁ ବିଭିନ୍ନ ଦଳ ଓ ପ୍ରାର୍ଥୀମାନଙ୍କ ଦ୍ୱାରା ୨୦୦ ଅଭିଯୋଗ ଦାଖଲ ହୋଇଛି । ତାହା ମଧ୍ୟରୁ ୧୬୯ଟି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଗତ ମାସ ୧୬ ତାରିଖରେ ଲୋକସଭା ନିର୍ବାଚନ ଘୋଷଣା ହେବା ଠାରୁ ନିର୍ବାଚନ ଆଚରଣବିଧି ଲାଗୁ ହୋଇଛି । କମିଶନ୍ କହିଛି, ବିଜେପି ୫୧ଟି ଅଭିଯୋଗ କରିଥିବା ବେଳେ କଂଗ୍ରେସ ୫୯ଟି ଓ

ଅନ୍ୟ ରାଜନୈତିକ ଦଳ ୯୦ଟି ଅଭିଯୋଗ କରିଛନ୍ତି । ରାଜନୈତିକ ଦଳ ଗୁଡ଼ିକ ଦ୍ୱାରା ଆଦର୍ଶ ଆଚରଣବିଧି ପାଳନ କରାଯାଇଥିବାରୁ ନିର୍ବାଚନ କମିଶନ୍ ସନ୍ତୋଷ ପ୍ରକାଶ କରିଛି । ବିଭିନ୍ନ ଦଳ ଓ ପ୍ରାର୍ଥୀମାନେ ପ୍ରଚାର ସମୟରେ ଆଚରଣବିଧିର ସଠିକ୍ ପାଳନ କରୁଛନ୍ତି । ମହିଳାମାନଙ୍କ ସମ୍ମାନ ଓ ମର୍ଯ୍ୟଦା ରକ୍ଷା ପାଇଁ କମିଶନ୍ ଦୃଢ଼ ପଦକ୍ଷେପ ଗ୍ରହଣ କରିଛି । ଯେଉଁ ନେତାମାନେ ମହିଳାମାନଙ୍କ ପ୍ରତି ଅସମ୍ମାନଜନକ ମନ୍ତବ୍ୟ ଦେଇଛନ୍ତି ସେମାନଙ୍କୁ ନୋଟିସ୍ ପଠାଯାଇଛି ।

## ବିଜେପି ଲିଷ୍ଟ

ବିଜେପି ଲୋକସଭା ନିର୍ବାଚନ, ଓଡ଼ିଶା ବିଧାନସଭା ନିର୍ବାଚନ ଓ ତେଲଙ୍ଗାନା ଏବଂ ଉତ୍ତରପ୍ରଦେଶ ଉପନିର୍ବାଚନ ପାଇଁ ପ୍ରାର୍ଥୀମାନଙ୍କର ନାମତାଲିକା ପ୍ରକାଶ କରିଛି । ପାର୍ଟି ଓଡ଼ିଶା ବିଧାନସଭା ପାଇଁ ୨୧ଜଣ ପ୍ରାର୍ଥୀଙ୍କର ନାମ ଘୋଷଣା କରିଛି । ଦିଲ୍ଲୀପ ରାୟଙ୍କୁ ରାଉରକେଲାରୁ ପ୍ରାର୍ଥୀ କରାଯାଇଥିବାବେଳେ ସଞ୍ଜାଲୀ ମୁର୍ମୁଙ୍କୁ ବାଙ୍ଗିରିପୋଷିରୁ ପ୍ରାର୍ଥୀ କରିଛି । ନରସିଂହ ବାତ୍ରା ଝରିଗ୍ରାମରୁ ଓ ଅମରେନ୍ଦ୍ର ଦାସ ଜଗତ୍ସିଂହପୁରରୁ ପ୍ରାର୍ଥୀ ରହିଛନ୍ତି ।

ବିଜେପି ମହାରାଷ୍ଟ୍ର, ପଞ୍ଜାବ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ଲୋକସଭା ନିର୍ବାଚନ ପାଇଁ ୭ଜଣ ପ୍ରାର୍ଥୀଙ୍କର ନାମ ଘୋଷଣା କରିଛି । ମହାରାଷ୍ଟ୍ରର ସତାରା ଲୋକସଭା ଆସନରୁ ଛତ୍ରପତି ଉଦୟନରାଜେ

ଭୋଁସଲେ ପ୍ରାର୍ଥୀ ହୋଇଛନ୍ତି । ପଞ୍ଜାବର ଭଟିଣ୍ଡାରୁ ପରମପାଲ କୌର ସିଦ୍ଧୁ ପ୍ରାର୍ଥୀ ଥିବାବେଳେ ହୋସିଆରପୁରରୁ ଅନିତା ସୋମ୍‌ପ୍ରକାଶ ପ୍ରାର୍ଥୀ ରହିଛନ୍ତି । ଉତ୍ତରପ୍ରଦେଶର ଫିରୋଜାବାଦରୁ ଠାକୁର ବିଶ୍ୱଦୀପ ସିଂହ ଛିଡା ହୋଇଥିବାବେଳେ ଦେଓରିଆରୁ ଶଶାଙ୍କମଣି ତ୍ରିପାଠୀ ପ୍ରାର୍ଥୀ ରହିଛନ୍ତି । ପଶ୍ଚିମବଙ୍ଗର ଡାଏମଣ୍ଡ ହାର୍ବର ଲୋକସଭା ଆସନରୁ ଅଭିଜିତ ଦାସ ପ୍ରାର୍ଥୀ ରହିଛନ୍ତି ।

ତେଲଙ୍ଗାନା ଓ ଉତ୍ତରପ୍ରଦେଶର ଉପନିର୍ବାଚନ ପାଇଁ ବିଜେପି ୫ଜଣ ପ୍ରାର୍ଥୀଙ୍କର ନାମ ଘୋଷଣା କରିଛି । ଡକ୍ଟର ଟି.ଏନ୍. ବଂଶ ତିଳକ ସିକନ୍ଦରାବାଦ କ୍ୟାଣ୍ଟନମେଣ୍ଟରୁ ପ୍ରାର୍ଥୀ ହୋଇଛନ୍ତି । ଓ.ପି. ଶ୍ରୀବାସ୍ତବା ଉତ୍ତରପ୍ରଦେଶର ଲକ୍ଷ୍ନୌ ପୂର୍ବ ଆସନରୁ ପ୍ରାର୍ଥୀ ହୋଇଛନ୍ତି ।

# ବିଏସ୍‌ପି ଲିଷ୍ଟ

ବହୁଜନ ସମାଜପାର୍ଟି ଆଗାମୀ ଲୋକସଭା ନିର୍ବାଚନ ପାଇଁ ଆଉ ୧୧ଜଣ ପ୍ରାର୍ଥୀଙ୍କର ନାମ ଘୋଷଣା କରିଛି । ବି.ଏସ୍.ପି ପ୍ରାର୍ଥୀ ଆଥର ଜମାଲ ଲାରି ବାରାଣାସୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଇତିମଧ୍ୟରେ ପାପି ମୈନପୁରୀ ଲୋକସଭା ଆସନର ପ୍ରାର୍ଥୀଙ୍କୁ ବଦଳାଇ ସେଠାରେ ଶିବପ୍ରସାଦ ଯାଦବଙ୍କୁ ଛିଡା କରାଇଛି ।

## ଆପ୍ ଲୋକସଭା ସିଟ୍

ଆମ୍ ଆଦ୍‌ମୀ ପାର୍ଟି ପଞ୍ଜାବ ଲୋକସଭା ନିର୍ବାଚନ ପାଇଁ ୪ଜଣ ପ୍ରାର୍ଥୀଙ୍କର ନାମ ଘୋଷଣା କରିଛି । ଜଗଦୀପ ସିଂହ କାକା ବ୍ରାର ଫିରୋଜପୁରରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ଅମନସେର ସିଂହ ଗୁରୁଦାସପୁରରୁ, ପବନ କୁମାର ଟିନୁ ଜଳନ୍ଧରରୁ ଓ ଅଶୋକ ପରାସର ପାପି ଲୁଧିଆନାରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ।

## କେରଳ ହାଇକୋର୍ଟ-ଫିଲ୍ମ

ସାଧାରଣ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଦୂରଦର୍ଶନରେ କେରଳ ଷ୍ଟୋରି ଚଳଚ୍ଚିତ୍ରର ପ୍ରସାରଣ ବନ୍ଦ ରଖିବାକୁ ଆବେଦନ କରି କରାଯାଇଥିବା ଏକ ପିଟିସନକୁ କେରଳ ହାଇକୋର୍ଟ ଖାରଜ କରିଦେଇଛନ୍ତି । ଏହି ଚଳଚ୍ଚିତ୍ର ଗତବର୍ଷ ମେ’ ମାସରେ ମୁକ୍ତିଲାଭ କରିଥିଲା । ନିର୍ବାଚନ କମିଶନ ଏଥିରେ ହସ୍ତକ୍ଷେପ କରିବାକୁ ନିଜର ଅସାମର୍ଥ୍ୟ ପ୍ରକାଶ କରିଥିଲା ।

## ଏକ୍ସପୋର୍ଟ ୨୩-୨୪

୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର ରପ୍ତାନୀ ୭୭ହଜାର ୬୬୮କୋଟି ଡଲାର ହେବାର ଅଟକଳ କରାଯାଇଛି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ କହିଛି ୨୦୨୨-୨୩ରେ ଭାରତର ରପ୍ତାନୀ ୭୭ହଜାର ୬୪୦କୋଟି ଡଲାର ଥିଲା । ୨୦୨୩-୨୪ରେ ଆମଦାନୀ ୮୫ହଜାର ୪୮୦କୋଟି ଡଲାର ଥିଲା ।

## ଓନିଅନ-ଶ୍ରୀଲଙ୍କା

ଭାରତ' ଶ୍ରୀଲଙ୍କାକୁ ୧୦ହଜାର ଟନ୍ ପିଆଜ ରପ୍ତାନି କରିବାକୁ ଅନୁମତି ଦେଇଛି । ସଂଯୁକ୍ତଆରବ ଏମିରେଟ୍‌କୁ ଅତିରିକ୍ତ କୋଟାରେ ୧୦ହଜାର ଟନ୍ ପିଆଜ ରପ୍ତାନୀ ପାଇଁ ମଧ୍ୟ ଅନୁମତି ଦିଆଯାଇଛି । ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ ଏ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ଜାରି କରିଛି । ମହାନିର୍ଦ୍ଦେଶାଳୟ କହିଛି ସଂଯୁକ୍ତ ଆରବ ଏମିରେଟ୍‌କୁ ରପ୍ତାନୀ କରାଯିବାକୁ ଥିବା ୧୦ହଜାର ଟନ୍ ପିଆଜ' ପୂର୍ବରୁ ସେଠାକୁ ରପ୍ତାନୀ ହୋଇଥିବା ୨୪ହଜାର ୪୦୦ ଟନ୍ ପିଆଜ ବ୍ୟତୀତ ଦିଆଯାଉଛି । ବାଣିଜ ମନ୍ତ୍ରଣାଳୟ କହିଛି ଜାତୀୟ ସମବାୟ ରପ୍ତାନୀ ଲିମିଟେଡ୍ ମାଧ୍ୟମରେ ଏହି ପିଆଜ ରପ୍ତାନୀ ପାଇଁ ଅନୁମତି ଦିଆଯାଇଛି ।

## ନକ୍ସଲ-କିଲ୍ଡ

ଛତିଶଗଡ଼ର କାଙ୍କେଡ଼ ଜିଲ୍ଲାରେ ନକ୍ସଲପନ୍ଥୀ ଓ ଯବାନମାନଙ୍କ ମଧ୍ୟରେ ସଂଘର୍ଷ ଘଟି ୧୮ ଜଣ ନକ୍ସଲପନ୍ଥୀ ପ୍ରାଣ ହରାଇଛନ୍ତି । ଯବାନମାନେ ୧୦ ଜଣ ନକ୍ସଲପନ୍ଥୀଙ୍କ ମୃତ ଦେହ ଉଦ୍ଧାର କରିଛନ୍ତି । ସେମାନଙ୍କ ପାଖରୁ ୭ଟି ଏ.କେ.୪୭ ରାଇଫଲ୍, ତିନୋଟି ଏଲ୍.ଏମ୍.ଜି., ଇନ୍‌ସାସ୍ ରାଇଫ୍‌ଲ ଜବତ କରାଯାଇଛି । ସର୍ବଶେଷ ଖବର ମିଳିବା ବେଳକୁ ସଂଘର୍ଷ ଜାରି ଥିଲା ।

## ଆସାମ ରାଇଫଲ୍ସ

ଆସାମ ଓ ଅରୁଣାଚଳପ୍ରଦେଶ ସୀମାର ମାର୍ଘେରିଟାଠାରେ ଆସାମ ରାଇଫଲ୍ସ ଗାଡ଼ି ଉପରେ ଅଜ୍ଞାତ ଲୋକମାନେ ଗୁଳି ଚଳାଇଛନ୍ତି । ଏଥିରେ ଆସାମ ରାଇଫଲ୍ସର ୨ଜଣ ଜବାନ ଆହତ ହୋଇଛନ୍ତି । ସେମାନଙ୍କୁ ହେଲିକପ୍ଟର ଯୋଗେ ହସ୍ପିଟାଲରେ ପହଞ୍ଚାଯାଇଛି । ଆକ୍ରମଣ ସହ ଏନ୍.ଏସ୍.ସି.ଏନ୍ ଉଗ୍ରବାଦୀମାନେ ଜଡିତ ଥିବା ସନ୍ଦେହ କରାଯାଉଛି । ଆସାମ ରାଇଫଲ୍ସ ପକ୍ଷରୁ ପାଲଟା ଆକ୍ରମଣ କରାଯାଇଥିଲା । ତେବେ ଏଥିରେ କେହି ମୃତାହତ ହୋଇଥିବା ବିଷୟରେ ଜଣାପଡିନାହିଁ । ପୋଲିସ ଅଫିସରମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି ।

## ବୋଟ୍ କ୍ୟାପ୍‌ସାଇଜ୍ ଝେଲମ

ଶ୍ରୀନଗର ଉପକଣ୍ଠରେ ଗନ୍ଦାବଲଠାରେ ଝେଲମ ନଦୀରେ ଏକ ଡଙ୍ଗା ବୁଡ଼ିଯାଇ ୪ଜଣ ଲୋକ ପ୍ରାଣ ହରାଇଛନ୍ତି । ସେହି ଡଙ୍ଗାଟିରେ ସ୍ଥାନୀୟ ପିଲାମାନେ ଯାଉଥିଲେ । ଶ୍ରୀନଗର ଡେପୁଟୀ କମିଶନର କହିଛନ୍ତି ଅନ୍ୟମାନଙ୍କର ଶ୍ରୀନଗର ହସ୍ପିଟାଲରେ ଚିକିତ୍ସା କରାଯାଉଛି । ଡଙ୍ଗାଟି ଓଲଟି ପଡିବା ପରେ ଜିଲ୍ଲା ପ୍ରଶାସନ ଦ୍ୱାରା ଉଦ୍ଧାରକାର୍ଯ୍ୟ କରାଯାଇଥିଲା ଓ ଅନେକ ଲୋକଙ୍କୁ ଉଦ୍ଧାର କରାଯାଇଥିଲା । ଏ ସମ୍ବନ୍ଧୀୟ ଅଧିକ ଖବରକୁ ଅପେକ୍ଷା କରାଯାଇଛି ।

## ବାଂଲାଦେଶ ଆକ୍ସିଡେଣ୍ଟ

ବାଙ୍ଗଲାଦେଶରେ ଗୋଟିଏ ବସ୍ ଓ ଗୋଟିଏ ପିକ୍-ଅପ୍ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଲାଗିବାରୁ ୧୩ଜଣ ଲୋକ ପ୍ରାଣ ହରାଇଛନ୍ତି । ଦୁର୍ଘଟଣାରେ ଅନେକ ଲୋକ ଆହତ ହୋଇଥିବାର କୁହାଯାଉଛି । ଆଜି ସକାଳେ ବାଙ୍ଗଲାଦେଶର ଫରିଦପୁର ଜିଲ୍ଲାର ଢ଼ାକା-ଖୁଲନା ରାଜପଥରେ ଏହି ଦୁର୍ଘଟଣା ଘଟିଛି । ମୃତ୍ୟୁବରଣ କରିଥିବା ସମସ୍ତ ଲୋକ ପିକ୍-ଅପ୍ ଭ୍ୟାନ୍‌ର ବୋଲି ଜଣାପଡିଛି । ୧୧ଜଣ ଲୋକ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ ଓ ୨ଜଣଙ୍କୁ ହସ୍ପିଟାଲରେ ମୃତ ଘୋଷଣା କରାଯାଇଥିଲା ।

## କୁଏତ୍ ନିଉ ପିଏମ୍

କୁଏତ ଅମିର' ଶେଖ ଅହମ୍ମଦ ଅବଦୁଲ୍ଲା ଅଲ୍-ଅହମ୍ମଦ ଅଲ୍-ସବାହଙ୍କୁ ଦେଶର ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ମହମ୍ମଦ ସବାହା ଅଲ୍-ସଲେମ ଅଲ୍-ସବାହ ଗତ ୭ ତାରିଖରେ ଇସ୍ତଫା ଦେବାରୁ ଏହି ନିଷ୍ପତ୍ତି ନିଆଯାଇଛି । ଶେଖ ମହମ୍ମଦ ୬ ତାରିଖରେ କ୍ୟାବିନେଟ୍‌କୁ ତାଙ୍କର ଇସ୍ତଫା ପଠାଇଥିଲେ । ଏହାପୂର୍ବରୁ ୪ ତାରିଖରେ ସେଠାରେ ନୂଆ ପାର୍ଲ୍ୟାମେଣ୍ଟ ଗଠିତ ହୋଇଥିଲା । ନୂଆ ପାର୍ଲ୍ୟାମେଣ୍ଟ ଗଠନ ହେବା ଦୃଷ୍ଟିରୁ ତାଙ୍କର ଏହି ଇସ୍ତଫା ଅପରିହାର୍ଯ୍ୟ ହୋଇପଡିଥିଲା ।

ନୂଆ ପ୍ରଧାନମନ୍ତ୍ରୀ ଶେଖ ଅହମ୍ମଦ ହେଉଛନ୍ତି କୁଏତ୍‌ର ଜଣେ ଅର୍ଥନୈତିଜ୍ଞ । ସେ ୧୯୯୯ରୁ ୨୦୦୫ ପର୍ଯ୍ୟନ୍ତ ଅର୍ଥ ଓ ଯୋଗାଯୋଗ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ୨୦୦୬ରୁ ୨୦୧୧ ପର୍ଯ୍ୟନ୍ତ ସେ କୁଏତର ସ୍ୱାସ୍ଥ୍ୟ, ତୈଳ ଓ ସୂଚନା ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ ।

## ଇସ୍ରାଏଲ-ଇରାନ କନ୍‌ଫ୍ଲିଟ୍

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ୨୪ଘଣ୍ଟାରୁ କମ୍ ସମୟ ମଧ୍ୟରେ ଦ୍ୱିତୀୟବାର ଲାଗି ତାଙ୍କ ଯୁଦ୍ଧ କ୍ୟାବିନେଟ୍‌ର ବୈଠକ

ଡକାଇଛନ୍ତି । ଇରାନ୍ ଆକ୍ରମଣର କିଭଳି ଜବାବ ଦିଆଯିବ ସେ ସଂକ୍ରାନ୍ତରେ ଏଥିରେ ନିଷ୍ପତ୍ତି ନିଆଯାଉଛି । ଇସ୍ରାଏଲ ସରକାର ଏପର୍ଯ୍ୟନ୍ତ କୌଣସି ଘୋଷଣା କରିନାହାନ୍ତି । ଇରାନ୍ ଏହି ଆକ୍ରମଣର ସମାପ୍ତ ବିଷୟ ସଙ୍କେତ ଦେଇଥିବାବେଳେ ଇସ୍ରାଏଲ ସାମରିକ ବାହିନୀ ମୁଖ୍ୟ ଏହାର ଜବାବ ଦିଆଯିବ ବୋଲି କହିଛନ୍ତି । ଏକ ସମ୍ବାଦ ସରବରାହ ସଂସ୍ଥାକୁ ଦେଇଥିବା ସାକ୍ଷାତ୍କାରରେ ଇସ୍ରାଏଲ ପ୍ରତିରକ୍ଷାବାହିନୀ ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ହର୍ଜି ହାଲେବି କହିଛନ୍ତି ଇସ୍ରାଏଲ ଉପରେ ଇରାନ୍‌ର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣର ସଠିକ୍ ଜବାବ ଦିଆଯିବ । ଇରାନ୍‌ର ଜଣେ ବରିଷ୍ଠ ଅଫିସର ଆବଲ ଫଜଲ ଆମୋଇ କହିଛନ୍ତି ଇସ୍ରାଏଲ ଦ୍ୱାରା ପ୍ରତିଆକ୍ରମଣ କରାଯିବା ସ୍ଥଳେ ଇରାନ ବ୍ୟାପକ କୌଶଳ ଗ୍ରହଣ କରିବ । ଇସ୍ରାଏଲ ଦ୍ୱାରା ଆକ୍ରମଣ କରାଗଲେ ଇରାନ ପୂର୍ବରୁ ବ୍ୟବହାର ହୋଇନଥିବା ଅସ୍ତ୍ରଗୁଡ଼ିକୁ ମୁତୟନ କରିବାକୁ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି ।

## ଆଇପିଏଲ୍

ଆଇପିଏଲ୍‌ର ଏକ ମ୍ୟାଚ୍‌ରେ କୋଲକାତାର ଇଡେନ୍ ଗାର୍ଡେନସ୍‌ରେ ଆଜି କୋଲକାତା ନାଇଟ୍ ରାଇଡର୍ସ୍ ଓ ରାଜସ୍ଥାନ ରୟାଲ୍ସ ପରସ୍ପରକୁ ଭେଟିବେ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଖେଳାଯିବ । ପଏଣ୍ଟ

ତାଲିକାରେ ରାଜସ୍ଥାନ ରୟାଲ୍ସ ପ୍ରଥମ ସ୍ଥାନରେ ଥିବାବେଳେ କୋଲକାତା ନାଇଟ୍ ରାଇଡର୍ସ୍ ଦ୍ୱିତୀୟ ସ୍ଥାନରେ ରହିଛି ।